# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 December - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର-କଟକ ପାଇଁ  ଆଜି ୩୦ଟି ଇ.ଆର.ଏସ୍.ଏସ୍ ଯାନର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

— ଗୃହରକ୍ଷୀ ପଦବୀ ସଂଖ୍ୟା ୫ ହଜାରକୁ ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମିତ ବ୍ୟାଡ୍‌ମିଣ୍ଟନ୍ ହାଇ ପରଫରମାନ୍ସ ସେଣ୍ଟରକୁ ଆଜି ଉଦ୍‌ଘାଟନ କରିବେ ଓଡ଼ିଶା ଓ ଆସାମ ମୁଖ୍ୟମନ୍ତ୍ରୀ

- ଦୁର୍ଘଟଣାପୀଡିତଙ୍କ ନିମନ୍ତେ ନଗଦ ବିହିନ ଚିକିତ୍ସା ଯୋଜନା ଆରମ୍ଭ କରାଯିବ ବୋଲି ଲୋକସଭାରେ ସଡ଼କ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସୂଚନା

ଏବଂ

- ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ନିମନ୍ତେ ସନ୍ଧ୍ୟା ୬ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ଇ.ଆର.ଏସ୍.ଏସ୍.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ପୁଲିସ୍ ସେବା ଭବନରେ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ଯୋଗାଇଦେବା ଲାଗି ୩୦ଟି ଜରୁରୀକାଳିନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା ଇ.ଆର.ଏସ୍.ଏସ୍. ଯାନର ଲୋକାର୍ପଣ କରିଛନ୍ତି। ଭୁବନେଶ୍ୱରରେ ୨୨ଟି ଓ କଟକର ୮ଟି ଯାନ କାର୍ଯ୍ୟ କରିବ। କୌଣସି ସ୍ଥାନରେ ଦୁର୍ଘଟଣା, ଅପରାଧ କିମ୍ବା ଅନ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଏହି ଯାନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବ । ଏଥିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଅସହାୟଙ୍କୁ ତ୍ୱରିତ ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଅନୁସାରେ, ଜରୁରୀକାଳୀନ ଫୋନ୍ ନମ୍ବର ୧୧୨କୁ ଡାଏଲ୍ କଲେ ଯାନଗୁଡ଼ିକ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ସହାୟତା ପ୍ରଦାନ କରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁଲିସ୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଲାଗି ଗୃହରକ୍ଷୀଙ୍କ ସଂଖ୍ୟା ୨ ହଜାର ୪୧୬ରୁ ୫ ହଜାରକୁ ବୃଦ୍ଧି କରାଯିବା ଲାଗି ଘୋଷଣା କରିଛନ୍ତି। ସେ କହିଛନ୍ତି....

## - V/O –

## ଏଲ୍ଏସ୍- ରୋଡ୍ ଆକ୍ସିଡେଣ୍ଟ

ଦେଶରେ ଖୁବଶୀଘ୍ର ଦୁର୍ଘଟଣାପୀଡିତଙ୍କ ନିମନ୍ତେ ନଗଦ ବିହିନ ଚିକିତ୍ସା ଯୋଜନା ଆରମ୍ଭ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ

ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ଲୋକସଭାରେ କହିଛନ୍ତି । ପ୍ରଶ୍ନକାଳରେ ସେ ୬ଟି ରାଜ୍ୟରେ ପ୍ରଚଳିତ ଏହି ଯୋଜନା ଖୁବ୍ ଶୀଘ୍ର ଉତ୍ତର ପ୍ରଦେଶ ଏବଂ ପରେ ଦେଶର ବାକି ଅଞ୍ଚଳରେ ଆରମ୍ଭ କରାଯିବ ବୋଲି କହିଛନ୍ତି । ଏହି ଯୋଜନା ଦ୍ୱାରା ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନେ ହସ୍ପିଟାଲରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ବିହିନ ଚିକିତ୍ସା ପାଇପାରିବେ । ରାଜପଥରେ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରି ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରେ ଦୁର୍ଘଟଣା ନିବାରଣ କମିଟି ଗଠନ କରି ଏଭଳି ସଡ଼କ ଦୁର୍ଘଟଣାର କାରଣ ଖୋଜିବା ପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି । ଉତ୍ତରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଛି । ସହର ଗୁଡ଼ିକ ମଧ୍ୟରେ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଜୟପୁରରେ ସର୍ବାଧିକ ଦୁର୍ଘଟଣା ଘଟିଛି । ସଡ଼କ ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୩୦ ପ୍ରତିଶତଙ୍କର ପ୍ରାରମ୍ଭିକ ଚିକିତ୍ସାରେ ବିଳମ୍ବ ହେତୁ ମୃତ୍ୟୁ ଘଟୁଛି ବୋଲି ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି । ସେ କହିଛନ୍ତି, ନଗଦ ବିହିନ ଚିକିତ୍ସା ଯୋଜନାରେ ୬ଟି ରାଜ୍ୟରେ ୨ ହଜାର ୧୦୦ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି ।

## ରଥକାଠ ଛେଦନ

ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆସନ୍ତା ୧୭ ତାରିଖରେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ର ବଡ଼ମୂଳସ୍ଥିତ ମା’ ବଡ଼ରାଉଳଙ୍କ ପୀଠରେ ରଥକାଠ ଛେଦନ ଅନୁକୂଳ ହେବ । ମନ୍ଦିର ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ ହେବା ପରେ ଦଶପଲ୍ଲା ବନାଞ୍ଚଳ ଓ ଗଣିଆ ବନାଞ୍ଚଳ ପକ୍ଷରୁ ପୂଜାନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶ୍ରୀମନ୍ଦିର ପ୍ରଶାସନର ଏକ ପ୍ରତିନିଧି ଦଳ ୧୬

ତାରିଖ ଅପରାହ୍ଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଧରି ନୟାଗଡ଼ ବନଖଣ୍ଡରେ ପହଞ୍ଚିବେ। ତା' ପରଦିନ ଏହି ଦଳ ବଡ଼ରାଉଳଙ୍କ ପୀଠରେ ପହଞ୍ଚି ଆଜ୍ଞାମାଳ ଲାଗି ପରେ ରୀତିନୀତି ଅନୁଯାୟୀ ପୂଜା ହେବ।

## ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶୀର ମାସ ଶୁକ୍ଳପକ୍ଷ ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀକ୍ଷେତ୍ରସ୍ଥିତ ଗୌରବିହାର ଆଶ୍ରମରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ରାଧାକୃଷ୍ଣଙ୍କ ପାଖରେ ପ୍ରାୟ ୮୫୧ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ପିଠା, ମିଠା, ଅନ୍ନ, ଶାଗମୁଗ, କ୍ଷୀରି ଆଦି ଲାଗି କରାଯାଇଥିଲା। ଯଶୋଦା ମାଆ ତାଙ୍କ ପୁତ୍ର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦି ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଆଜିର ଦିନରେ ଖାଇବାକୁ ଦେଇଥିବାର କିମ୍ବଦନ୍ତୀ ରହିଛି।

## ପୋଷ୍ୟସନ୍ତାନ ଗ୍ରହଣ ଆଇନ୍

**ଭଦ୍ରକ** ଜିଲ୍ଲା ପ୍ରଶାସନ ଶିଶୁ ସୁରକ୍ଷା ୟୁନିଟ୍, ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଭଦ୍ରକଠାରେ ପୋଷ୍ୟସନ୍ତାନ ଗ୍ରହଣ ଆଇନ୍ ଓ ପ୍ରତିପାଳନ ଯତ୍ନ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଛି। ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଡାକ୍ତର ଦେବରାଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ରହିଥିବା ବିଭିନ୍ନ ଆଇନ୍ ଏବଂ ପ୍ରତିପାଳନ ଯତ୍ନ ପାଇଁ ଇଚ୍ଛୁକ ଦମ୍ପତି କିପରି ସହଜ ଓ ସରଳ ଉପାୟରେ ଆଇନ୍‌ସମ୍ମତ ଭାବେ ପୋଷ୍ୟସନ୍ତାନ ଗ୍ରହଣ କରିପାରିବେ ସେ ନେଇ ଆଲୋଚନା କରିଥିଲେ।

## ମାଓବାଦୀ ଲିଙ୍କରେ ଅନନ୍ତପାଲ୍ଲୀ ଗ୍ରାମ

ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଅନନ୍ତପାଲି ଗାଁରେ ଆଜି ସକାଳୁ ଜାତୀୟ ତନ୍ତକାରୀ ସଂସ୍ଥା-ଏନ.ଆଇ.ଏ. ପକ୍ଷରୁ ଚଢ଼ଉ କରାଯାଇଛି। ମାଓବାଦୀଙ୍କ ସହ କେତେକ ଗ୍ରାମର ଲୋକମାନଙ୍କର ସମ୍ପୃକ୍ତି ଥିବା ଅଭିଯୋଗରେ ବିଏସ୍ଏଫ୍ ଓ ଟିଡିଏଫ୍ ସହାୟତାରେ ଏନ୍ଆଇଏ ଦଳ ଚଢ଼ଉ କରିଛନ୍ତି। ଛତିଶଗଡ଼ ସୁକୁମା ସହରରେ ୨ଟି ସ୍ଥାନରେ ମଧ୍ଯ ଚଢ଼ଉ କରାଯାଇଛି। ସୁକୁମାରେ ହୋଇଥିବା ଚଢ଼ଉ ଆଧାରରେ ଅନନ୍ତପାଲି ଗ୍ରାମରେ ଏନ୍ଆଇଏ ପକ୍ଷରୁ ଚଢ଼ଉ କରାଯାଇଥିଲା ବୋଲି ସୂଚନା ମିଳିଛି।

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାରେ ମାଲ୍ୟବନ୍ତ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୌକାଚାଳନା ପ୍ରତିଯୋଗିତା ଆୟୋଜିତ ହୋଇଛି। ଜିଲ୍ଲାର କଳା ସଂସ୍କୃତି ସହ କଳାକାର ଓ ଖେଳକୁ ଲୋକ ଲୋଚନକୁ ଆଣିବା ହେଉଛି ମାଲ୍ୟବନ୍ତ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ଜିଲ୍ଲାର ସତିଗୁଡା ଜଳ ଭଣ୍ଡାରରେ ଆୟୋଜିତ ହୋଇଥିବା ନୌକା ଚାଳନା ପ୍ରତିଯୋଗିତାରେ ୧୦ଟି ଗାଁର ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜିଉଙ୍କ ବନକଲାଗି ନୀତି ହେବ । ଦ୍ଵିତୀୟ ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ଏହି ନୀତି ଆରମ୍ଭ ହେବ । ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ

ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ବନକଲାଗି ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉଙ୍କ ମହାସ୍ନାନ ହେବା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସାଇକ୍ଲିଂ ଚାମ୍ପିଅନ୍‌ସିପ

ପୁରୀଠାରେ ଚାଲିଥିବା ୨୯ତମ ଜାତୀୟ ସାଇକ୍ଲିଂ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାର ସାଇକେଲ ଚାଳକ ସ୍ୱସ୍ତି ସିଂ ଏଲିଟ ବର୍ଗର ୪୦ କିଲୋମିଟର କ୍ରିଟେରିୟମ୍‌ରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ଏଲିଟ୍‌ରେ ଓଡ଼ିଶା ପ୍ରତିଯୋଗୀ ରନର୍ସଅପ୍ ହୋଇଛନ୍ତି। ସୂଚନାଯୋଗ୍ୟ, ଚଳିତମାସ ୭ ତାରିଖରୁ ଜାତୀୟସ୍ତରୀୟ ସାଇକେଲ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଥିଲା।

## ଜାତୀୟ ବରିଷ୍ଠ ପୁରୁଷ ଫୁଟବଲ

ହାଇଦ୍ରାବାଦରେ ୭୮ତମ ଜାତୀୟ ବରିଷ୍ଠ ପୁରୁଷ ଫୁଟବଲ୍ ଚାମ୍ପିଅନ୍‌ସିପ୍ ସନ୍ତୋଷ ଟ୍ରଫିର ଫାଇନାଲ୍ ରାଉଣ୍ଡ ଆସନ୍ତା ୧୪ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନଭେମ୍ବର ମାସରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ୍ ରାଉଣ୍ଡ୍‌ରେ ଓଡ଼ିଶା ୨ଟି ବିଜୟ ପରେ ଫାଇନାଲ୍ ରାଉଣ୍ଡ୍‌କୁ ଆସିଛି। ଅର୍ପଣ ଲାକ୍ରାଙ୍କୁ ସନ୍ତୋଷ ଟ୍ରଫି ପାଇଁ ଘୋଷିତ ୨୨ ଜଣିଆ ଓଡ଼ିଶା ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳରେ ସଞ୍ଜୟ ହେମ୍ବ୍ରମ୍, ସିଦ୍ଧାନ୍ତ ପ୍ରଧାନ, ରାହୁଲ ଓରାମ ପ୍ରମୁଖ ଖେଳାଳୀ ରହିଛନ୍ତି।

## କାନୋଏ ସ୍ପ୍ରିଣ୍ଟ୍ ଚାମ୍ପିଅନ୍‌ସିପ୍

ଉତ୍ତରାଖଣ୍ଡର ତେହେରୀ ଡ୍ୟାମ୍‌ରେ ଚାଲିଥିବା ୩୫ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ୍  ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତାରେ ଓଡ଼ିଶା ୯ଟି ପଦକ ହାସଲ କରିଛି । ସେଥିମଧ୍ୟରେ ୨ଟି ସ୍ୱର୍ଣ୍ଣ ୪ଟି ରୌପ୍ୟ ଓ ୩ଟି କାଂସ୍ୟପଦକ ରହିଛି । ଓଡ଼ିଶାର ଓ୍ୱେନାମ୍ ବିଦ୍ୟାଦେବୀ ଏବଂ ବିନୀତା ଚାନୁଙ୍କୁ ସ୍ୱର୍ଣ୍ଣପଦକ ମିଳିଛି ।

## ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ପୁଣି ବୃଦ୍ଧି ପାଇଛି । ଗତକାଲି ୧୩ଟି ସହରର ରାତିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । ଝାରସୁଗୁଡ଼ାର ସର୍ବନିମ୍ନ ତାପମାତ୍ରା ୧୦ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ କେନ୍ଦୁଝରରେ ୧୨ ଦଶମିକ ୪ ଏବଂ ଦାରିଙ୍ଗିବାଡ଼ିରେ ୧୩ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

## ହାଇକୋର୍ଟ - କ୍ୱାର୍ଟର୍

ଓଡ଼ିଶା ହାଇକୋର୍ଟର କର୍ମଚାରୀମାନଙ୍କ ପାଇଁ ୨୮୪ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ସରକାରୀ କ୍ୱାର୍ଟର ନିର୍ମାଣ କରାଯିବ । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ସି.ଡି.ଏ. ସେକ୍ଟର-୧୩ରେ ଏହି ପ୍ରକଳ୍ପର ଭୂମିପୂଜନ କରିଛନ୍ତି । ଆସନ୍ତା ୨୦୨୭ ମସିହା ଏପ୍ରିଲ୍ ମାସ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ଜଣାପଡ଼ିଛି ।

*********************************